# Akashvani, Sambalpur

## SAMBALPURI NEWS BULLETIN

### 7 July 2025- 6.47- 6.52 am.

***********************************************

ଅଧରପଣା ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଦ୍ୱାଦଶୀ ତିଥି ନ ରଥ୍‌ମାନ୍‌କେ ମାହାପୁରୁ ମାନ୍‌କୁ ଅଧରପଣା ଭୋଗ ଲଗାଯିବା । ଅଧରପଣା ନୀତି ରାତିର୍ ୮ ବଜେ କର୍‌ବାର୍‌କେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍)

ଦ୍ୱାଦଶୀ ତିଥି ନ ଆଏଜ୍ ଶ୍ରୀମନ୍ଦିର୍ ନ ଗରୁଡ଼ ଶୟନ ନୀତି କରାଯିବା । ଗରୁଡ଼ ସ୍ତମ୍ଭ ଆଗାଡ଼େ ଶୁଦ୍ଧ ସୁଆର ପୂଜା କର୍‌ବାର୍ ଉତ୍‌ରୁ ପୂଜା ସାମନ୍ତ ଗରୁଡ଼ଙ୍କର୍ ମହାସ୍ନାନ ଆଉ ବାକି ନୀତି କର୍‌ବେ । ଗଲାକାଏଲ୍ ହରିଶୟନ ନୀତି ହେଇଥିବାର୍ ବେଲେ ମାହାପୁରୁଙ୍କର୍ ପାଖେ ଶୟନ କର୍‌ବାର୍ ଲାଗି ଗରୁଡ଼ଙ୍କୁ ପ୍ରାର୍ଥନା କରାଯିବା ।

*ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ରଥାରୁଢ଼ ମାହାପୁରୁମାନ୍‌କର୍ ମଧ୍ୟାହ୍ନ ଧୂପ ନୀତି ସର୍‌ଲା ଉତ୍‌ରୁ ଅଧରପଣା ନୀତି କରାଯିବା । ଫି’ ରଥ୍ରେ*

*ମାହାପୁରୁମାନ୍‌କର୍ ଲାଗି ୩ ଟା ଲେଖା ପଣା ଭୋଗ୍ ତିଆର୍ ହେବା । ସର୍, କଦେଲ୍, ଖିର୍‌ସା, ଗୋଲ୍‌ମରିଚ୍, କର୍ପୁର ଆଉ ଜାଇଫଲ୍ ବାଗିର୍ ଦରବ୍‌ଥି ସେବକମାନେ ଇ ପଣା ତିଆର୍ କର୍‌ସନ୍ । ମାହାପୁରୁମାନ୍‌କର୍ ଅଧର ଉଛାର୍ ମାଟିର୍ ହାଁଡ଼ିଥି ପଣା ଭୋଗ୍ ଲଗାଯାଇକରି ହାଁଡ଼ି ଭଙ୍ଗାଯାଏସି । କୁମ୍ଭାର୍‌ମାନେ ୯ ଟା ଅଧର ହାଁଡ଼ି ତିଆର୍ କରିକରି ଫି’ ବଛର୍ ଯୁଗେଇ ଦେସନ୍ । ଅଧର ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍, ରାଘବଦାସ ମଠ ଆଉ ବଡ଼ ଓଡ଼ିଆ ମଠ ତର୍‌ଫୁ ସବୁ ପ୍ରକାର୍ ତୟାରି ଶେଷ୍ ହେଇଯାଇଛେ ।*

*କିମ୍ବଦନ୍ତୀ ଅନ୍‌ସାରେ ଇ ପଣା ଭୋଗ ରଥ ପାର୍ଶ୍ୱଦେବାଦେବୀ, ଅଶରୀର ଆଉ ଚଣ୍ଡିଚାମୁଣ୍ଡାଙ୍କର୍ ଉଦ୍ଦେଶ୍ୟଥି ସମର୍ପଣ୍ କରାଯାଏସି । ଇ ପଣା ପାଇକରି ସେମାନେ ମୁକ୍ତି ପାଏସନ୍ ବଲି ବିଶ୍ୱାସ୍ କରାଯାଏସି ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେବା । ୟୁନିଟ୍-୨ ଅଶୋକ୍ ନଗର୍ ଶୁଣାଣି ଶିବିର୍ ଠାନେ ଆଏଜ୍ ଦିନର୍ ୧୦ ବଜେନୁ ମୁଖ୍ୟମନ୍ତ୍ରୀ ଲୁକ୍‌କର୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଗଲା ୩୦ ତାରିଖ୍ ଦିନ ଇ ଶୁଣାଣି ଲାଗି ପଞ୍ଜିକରଣ୍ କରିଥିବା

ଅଭିଯୋଗ୍‌କାରୀମାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯୋଗ୍ କରିପାର୍‌ବେ । ଇ ବାବ୍‌ଦେ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛରେ ଯୁକ୍ତ ୩ ପାଠ୍ୟକ୍ରମ୍ ଲାଗି ଆଏଜ୍‌ଠାନୁ ୱେଟିଂ ଲିଷ୍ଟ ଆଉ ସ୍ପଟ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ୧୦ ତାରିଖ୍ ଭିତ୍‌ରେ ଇଥିର୍‌ଲାଗି ଆବେଦନ୍‌ର ସୁଯୋଗ୍ ମିଳିପାର୍‌ବା ଆଉ ୧୨ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା । ହେଲେ ଆଏବା ୧୦ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ପଂଚାୟତିରାଜ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାମ୍‌ରା ବନ୍ୟପ୍ରାଣୀ ବନଖଣ୍ଡ ଜମନ୍‌କିରା ବନାଂଚଲ୍ ପ୍ରଭାଶୁଣୀ ସଂରକ୍ଷିତ୍ ଜଙ୍ଗଲ୍ ନ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ୱାଚ୍ ଟାୱାର୍ ଉଦ୍‌ଘାଟନ୍ କରିଛନ୍ । ଜଙ୍ଗଲ୍ ସମ୍ପଦ୍ ଆଉ ବନ୍ୟପ୍ରାଣୀଙ୍କର୍ ସୁରକ୍ଷା କରାଯିବାର୍ ସହେତେ ପର୍ଯ୍ୟଟକ୍‌ମାନେ

ପ୍ରାକୃତିକ ପରିବେଶ୍‌ର ଭର୍‌ପୁର୍ ମଜା ନେଇପାର୍‌ବେ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ଇତାର୍‌ସହେତେ ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍‌ଥି ଶ୍ରୀ ନାଏକ୍ ସଂରକ୍ଷିତ୍ ଜଙ୍ଗଲ୍ ନ ଗଛ୍ ଜଗେଇଛନ୍ ।

ବାଲ୍ୟବିବାହ ରୋକାଗଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ଶିଶୁ ଅଧିକାରୀଙ୍କର୍ ଚେରେଷ୍ଟାଥି ଗଲା ୪ ତାରିଖ୍ ଜିଲ୍ଲାର୍ ଅତାବିରା ବ୍ଲକ୍ ନ ଚାଲିଥିବା ଗୁଟେ ବାଲ୍ୟବିବାହକେ ରୁକାଯାଇଛେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ସୁରକ୍ଷା ୟୁନିଟ୍ ଆଉ ଶିଶୁ ହେଲ୍ପ ଲାଇନ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ଅତାବିରା ଆଇସିଡିଏସ୍‌ଙ୍କର୍ ସହଯୋଗ୍‌ଥି ବାଲ୍ୟବିବାହକେ ବନ୍ଦ୍ କରାଯାଇଥିବାର୍ ବିଭାଗୀୟ ଅଧିକାରୀଙ୍କର୍ ସୂତ୍ରନୁ ଜନାପଡ଼ିଛେ ।

ବୌଦ୍ଧ -ବାହୁଡ଼ାଯାତ୍ରା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନାୟକ୍‌ପଡ଼ା ଗୁମ୍ଫାଠାନେ ଥିବା ପାତାଳି ଶ୍ରୀକ୍ଷେତ୍ର ଠାନେ ବାସି ବାହୁଡ଼ାଯାତ୍ରା ସହେତେ ସୁନାବେଶ ଗଲାକାଏଲ୍ ହେଇଯାଇଛେ । ବୌଦ୍ଧ ସହରର୍ ବୁଟୁପାଲି, ସଦର୍ ବ୍ଲକ୍ ନାରାୟଣ୍ ନଗର୍, ସାହାଜ୍‌ପାଲ୍, ବାଉଁଶୁଣିଗଡ଼୍ ଠାନେ ଭିଲ୍ ବାହୁଡ଼ା ଯାତ୍ରା ଆଉ

ସୁନାବେଶ ହେଇଯାଇଛେ । ଧାଡ଼ି ପହଣ୍ଡିଥି ମାହାପୁରୁମାନ୍‌କୁ ଅନାୟାଇକରି ରଥ ନ ବିଜେ କରାଯାଇଥିଲା । ତାର୍ ଉତ୍‌ରୁ ଛୁଆମାନ୍‌କୁ ରଥ ଛୁଆଁ ଯାଇଥିଲା । ବଡ଼ଭାଗୀ ଜାଗା ନ ବେଲ୍‌ବୁଡ଼ର୍ ୬ ବଜେ ରଥ୍‌ଘିଚା ମୁଲ୍ ହେଇଥିଲା । ଡେରିରାତିଥି ରଥ ମନ୍ଦିର୍ ପାଖ୍‌କେ ପୁହୁଁଚିଲା ଉତ୍‌ରୁ ସୁନାବେଶ କରାଯାଇଥିଲା ।

ବନ ମହୋତ୍ସବ  ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ମାଣିକେଶ୍ୱରୀ ଉଚ୍ଚବିଦ୍ୟାଲୟ ଠାନେ ବନ ମହୋତ୍ସବ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ଦୌରାଜଜ୍ ଆଉ ଆଇନ୍ ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ଅନୁପ୍ ରଞ୍ଜନ୍ ପଟ୍ଟନାୟକଙ୍କର୍ ସହେତେ ବିଚାର୍‌ପତି ଆଉ ଆଇନ୍‌ଜୀବୀମାନେ ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ । ଅତିଥିମାନେ ଛାତ୍ରଛାତ୍ରୀମାନ୍‌କୁ ପରିବେଶ୍ ସୁରକ୍ଷା ଆଉ ଗଛ୍ ଲଗାବାର୍ ଉପକାରିତା ବାବ୍‌ଦେ ବୁଝେଇଥିଲେ । ଇତାର୍‌ସହେତେ ପ୍ରାଧିକରଣ୍‌ର ଟୋଲ୍ ଫ୍ରି ନମ୍ବର୍ ଆଉ ଭିନ୍ ଭିନ୍ ଆଇନ୍ ଉପ୍‌ରେ ସଚେତନ୍ କରିଥିଲେ ।

ଅନିମେଷ୍ କୁଜୁର୍-ରେକର୍ଡ଼  ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଧାବକ ଅନିମେଷ୍ କୁଜୁର୍ ଗ୍ରୀସ୍ ଠାନେ ଚାଲିଥିବା ଡ୍ରୋମିଆ ଅନ୍ତର୍ଜାତୀୟ ସ୍ପ୍ରିଂଟ୍ ଆଉ ରିଲେ ମିଟ୍‌ଥି ୧୦ ଦଶ୍‌ମିକ୍ ୧/୮ ସେକେଣ୍ଡ୍‌ଥି ଶହେ ମିଟର୍ ଦୌଡ଼ିକରି ନୂଆଁ ରେକର୍ଡ଼୍ ବନେଇଛନ୍ । ପ୍ରତିଯୋଗିତାଥି ଅନିମେଷ୍ ୩ ନମ୍ବର୍ ଠାନେ ରହିଥିଲେ ଭିଲ୍ ପହେଲାକରି ଝନେ ଭାରତୀୟ ଭାବେ ସେ ଇ ରେକର୍ଡ଼୍ ଥାପ୍‌ନା କରିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍          ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଇହାଦେ ୨୦ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ଗଲାକାଏଲ୍ ପହେଲା କରି ଇ ବଛ୍‌ରର୍ ପହେଲା ବଏଢ୍ ପାଏନ୍  ଛଡ଼ାଯାଇଛେ । ରାତିର୍ ୯ ବଜେତକ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୯ ଦଶ୍‌ମିକ୍ ୯/୩ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ୨ ଲାଖ୍ ୫୦ ହଜାର୍ ଶହେ ୨ କ୍ୟୁସେକ୍ ପାଏନ୍ ଆସୁଥିବାର୍ ବେଲ୍‌କେ ୨୦ ଟା ଗେଟ୍, ଭିନ୍ ଭିନ୍ କେନାଲ୍ ଆଉ ପାୱାର୍ ଚେନାଲ୍ ଦେଇକରି ୩ ଲାଖ୍ ୩୬ ହଜାର୍ ୫ ଶହ ୬ କ୍ୟୁସେକ୍ ପାଏନ୍ ଛଡ଼ାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହିଥିଲା ବେଲ୍‌କେ ଗଲାକାଏଲ୍ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଆଉ ଇତାର୍ ପାଖର୍ ଇଲାକା ନ ଫେର୍‌ଘୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ବର୍ଷା ଲାଗି ରହେବା । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ନୂଆପଡ଼ା, କେନ୍ଦୁଝର୍ ଆର୍ ଅନୁଗୁଲ୍ ଜିଲ୍ଲାକେ ଜବର୍ ବର୍ଷା ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।